# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03rd August - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ଭାରତ ବିଶ୍ୱରେ ଖାଦ୍ୟ ଓ ପୋଷଣ ନିରାପତ୍ତା ଦିଗରେ କାର୍ଯ୍ୟ କରିଆସୁଛି; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

— ନୂଆଦିଲ୍ଲୀ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ପରିଷଦର ଅଧିବେଶନକୁ କଲେ ଉଦ୍‌ଘାଟନ ।

- ରାଜ୍ୟର ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

— କେନ୍ଦୁଝରରେ ମେଗା-ଷ୍ଟିଲ୍‌ପ୍ଲାଣ୍ଟ ସ୍ଥାପନ ପାଇଁ ଟାସ୍କଫୋର୍ସ ଗଠନ ଲାଗି ନିର୍ଦ୍ଦେଶ ।

- ରାଜ୍ୟକୁ ୨୦୩୦ ମସିହା ସୁଦ୍ଧା ଜଳାତଙ୍କ ମୁକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ପ୍ରବଳ ବର୍ଷା ହେବା ନେଇ ରାଜ୍ୟର ୪ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

# ପି.ଏମ୍‌. - କୃଷି ଅର୍ଥଶାସ୍ତ୍ରୀ ବୈଠକ

ଭାରତ ଏକ ଖାଦ୍ୟ ବଳକା ଦେଶ । ବିଶ୍ୱରେ ଖାଦ୍ୟ ଓ ପୋଷଣ ନିରାପତ୍ତା ଦିଗରେ ଦେଶ କାର୍ଯ୍ୟ କରିଆସୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀଠାରେ ଆନ୍ତର୍ଜାତିକ କୃଷି ଅର୍ଥନୀତିଜ୍ଞ ପରିଷଦର ୩୨ତମ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ କୃଷିଜୀବୀଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି । ଦୁଗ୍ଧ, ତୈଳବୀଜ, ମସଲା ଏବଂ ମିଲେଟ୍‌ସ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି । ଜୈବିକ ଚାଷ ଉପରେ ସରକାର ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଦେଶରେ ୫୦୦ରୁ ଅଧିକ କୃଷିଭିତ୍ତିକ ଶିକ୍ଷାନୁଷ୍ଠାନ ଏବଂ ୭୦୦ରୁ ଅଧିକ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଚାଷୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସଚେତନ କରାଯାଇପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ୭୫ଟି ରାଷ୍ଟ୍ରର ୧ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ - ଶିଳ୍ପ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷରେ ରାଜ୍ୟରେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରଗୁଡ଼ିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝର ଜିଲ୍ଲାରେ ଖଣିଜ ସମ୍ପଦ ସହ ଅନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ସୁବିଧା ରହିଛି । ଜିଲ୍ଲା ମେଗା-ଷ୍ଟିଲ୍‌ପ୍ଲାଣ୍ଟ ସ୍ଥାପନ ପାଇଁ ଉଦ୍ୟମ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯିବ । ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି, ରାଜ୍ୟରେ ୨୦୧୬ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିଲା । ସେଥିମଧ୍ୟରୁ ୬୭୪ଟି ପ୍ରକଳ୍ପକୁ ଏକକ ବାତାୟନ ଅନୁମୋଦନ କମିଟିଦ୍ୱାରା ମଞ୍ଜୁରି ମିଳିଛି । ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇଥିବାବେଳେ ୧୮୩ଟି ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ - କଳିଙ୍ଗ ଷ୍ଟାଡିୟମ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ସମୟରେ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷାର୍ଥୀଙ୍କ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଛନ୍ତି । ଏହା ସହ ଷ୍ଟାଡିୟମ୍‌ରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ସରକାର ରାଜ୍ୟରେ କ୍ରୀଡ଼ାଭିତ୍ତି ଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି ।

*Desk*

## ବିଚାର ବିଭାଗୀୟ ସମ୍ମିଳନୀ

ଜିଲ୍ଲାସ୍ତରୀୟ କୋର୍ଟ ଓ ବିଚାର ବିଭାଗୀୟ ଅଧିକାରୀମାନେ ସାଧାରଣ ଜନତା ଏବଂ ବିଚାର ବ୍ୟବସ୍ଥା ମଧ୍ୟରେ ସେତୁ ସଦୃଶ୍ୟ କାର୍ଯ୍ୟ କରନ୍ତି ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଆଜି ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ଯୋଗଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ନିମ୍ନ ଅଦାଲତଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ବିଚାର ବିଭାଗ ଉପରେ ଲୋକଙ୍କର ଆସ୍ଥା ବଜାୟ ରଖିବାକୁ ସେ ଆହ୍ୱାନ ଦେବା ସହ ଉଚିତ୍

ବ୍ୟବହାର ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅସାନୁଦ୍ଦିନ ଅମାନୁଲ୍ଲାହ୍ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ବେଶ୍ ଉତ୍ସାହପ୍ରଦ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ଏଭଳି ସମ୍ମିଳନୀ ବିଶେଷ ସହାୟକ ହୋଇଥାଏ। ଆଲୋଚନା ମାଧ୍ୟମରେ ସମାଧାନର ପନ୍ଥା ବାହାରିଥାଏ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ, ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅନିରୁଦ୍ଧ ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଏବଂ ମାଡ୍ରାସ ହାଇକୋର୍ଟର ବିଚାରପତି ଏବଂ ବିଚାରବିଭାଗୀୟ ଅଧିକାରୀ ମାନେ ଯୋଗଦେଇଛନ୍ତି।

***HS***

## ଜଳାତଙ୍କ ମୁକ୍ତ

ରାଜ୍ୟକୁ ୨୦୩୦ ମସିହା ସୁଦ୍ଧା ଜଳାତଙ୍କମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ୍ କହିଛନ୍ତି । ସେ କହିଛନ୍ତି, ଏହି ଲକ୍ଷ୍ୟ ହାସଲ କରିବାପାଇଁ ବୁଲାକୁକୁରଙ୍କୁ

ଟିକ ଦିଆଯିବା ନେଇ ବ୍ୟବସ୍ଥା କରାଯିବ । ଏଥିପାଇଁ ନଗର ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମହାଲିଙ୍ଗ୍ କହିଛନ୍ତି ।

***HS***

## ବି.ଏସ୍.କେ.ୱାଇ.

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍ କହିଛନ୍ତି, ବର୍ତ୍ତମାନ ସବୁ ସରକାରୀ ଓ ଘରୋଇ ହସ୍ପିଟାଲ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା - ବି.ଏସ୍.କେ.ୱାଇ. ଜାରି ରହିବ । ବଜେଟ୍‌ରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାପାଇଁ ବ୍ୟବସ୍ଥା କରାଯାଇଛି । ପର୍ଯ୍ୟାୟକ୍ରମେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ ବୋଲି ସେ କହିଛନ୍ତି ।

***BBSR/R***

## ମନ୍ତ୍ରୀ - ଜିଲ୍ଲା ଗସ୍ତ

ରାଜ୍ୟ ସରକାର ଆଗତ କରିଥିବା ବଜେଟ୍ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାପାଇଁ ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିବେ । ପ୍ରତ୍ୟେକ ମନ୍ତ୍ରୀ ଦୁଇଟି ଲେଖାଏଁ ଜିଲ୍ଲା ଗସ୍ତ କରିବେ । ଏହି ଗସ୍ତକାଳରେ ମନ୍ତ୍ରୀମାନେ

ବଜେଟ୍‌ର ବିଭିନ୍ନ ଦିଗ ଏବଂ ସରକାରଙ୍କ ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସାଧାରଣ ଲୋକଙ୍କ ସହ ଆଲୋଚନା କରିବେ । ଏ ସମ୍ପର୍କରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।  ରାଜ୍ୟ ସରକାର ଗତ ଦେଢ଼ ମାସ ମଧ୍ୟରେ ନେଇଥିବା ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଲୋକମାନଙ୍କୁ ସୂଚନା ଦିଆଯିବ ।

***Desk***

# କେରଳ - ଭୂସ୍ଖଳନ

କେରଳ ଭୂସ୍ଖଳନ ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଝାରସୁଗୁଡ଼ା ବେହେରାମାଲର ସ୍ୱୀକୃତି ମହାପାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତିଙ୍କ ଚିକିତ୍ସା ପରିସ୍ଥିତି ଏବଂ ନିଖୋଜ ଥିବା ସ୍ୱାଧୀନ ପଣ୍ଡାଙ୍କ ଉଦ୍ଧାର ନେଇ କେରଳ ସରକାରଙ୍କ ସହ ଆଲୋଚନା ହୋଇଛି। ସ୍ୱୀକୃତି ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରି ଡାକ୍ତରଖାନାରୁ ଘରକୁ ଫେରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା ପ୍ରକାଶ କରିଛନ୍ତି।

ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କର ମରଶରୀରକୁ ସଡ଼କପଥରେ ଅଣାଯାଉଛି। ରାଜ୍ୟ ସରକାରଙ୍କ ଅଧିକାରୀ ମରଶରୀରକୁ ନେଇ ଫେରୁଛନ୍ତି। ଭୁବନେଶ୍ୱରରେ ପହଁଞ୍ଚିବା ପରେ ପାର୍ଥିବ ଶରୀରକୁ ପୈତୃକ ଜିଲ୍ଲା ଗୋପ

ବ୍ଲକର ପରାଳ ଗ୍ରାମକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

*Desk, Boudh/R*

## ଜାତୀୟ ଅଙ୍ଗଦାନ ଦିବସ

"ଅଙ୍ଗଦାନ ଜୀବନଦାନ'ର ବାର୍ତ୍ତା ନେଇ ଆଜି ସମଗ୍ର ଦେଶରେ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ହେଉଛି 'ଅଙ୍ଗଦାନ ଜନଜାଗୃତି ଅଭିଯାନ'। ଅଙ୍ଗଦାନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୯୪ ମସିହା ଆଜିର ଦିନରେ ଭାରତରେ ପ୍ରଥମ ହୃଦ୍ ପ୍ରତ୍ୟାରୋପଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅଙ୍ଗଦାନ ଦ୍ୱାରା ବହୁ ଲୋକଙ୍କର ଜୀବନ ରକ୍ଷା କରାଯାଇପାରିବ। ଏ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି ଏବଂ ଏହାର ଅଧିକରୁ ଅଧିକ କାର୍ଯ୍ୟକାରିତା ଲକ୍ଷ୍ୟରେ ଜାତୀୟ, ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଉଦ୍ୟମ ଯୋଗୁଁ ଦେଶର ଅଙ୍ଗଦାନ ସଂଖ୍ୟା ୪ ଗୁଣ ବୃଦ୍ଧି ପାଇଛି । ତେବେ ଏ ଦିଗରେ ଆହୁରି ସଚେତନତାର ଆବଶ୍ୟକତା ରହିଛି ।

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡାକ୍ତର କିଶୋର ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗଦାନ ଓ ପ୍ରତିରୋପଣର ନିୟମ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁ ଓ ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

***Puri/R***

# ପୁରୀ ଶ୍ରୀମନ୍ଦିର - ସଅଳ ନୀତି

ପୁରୀରେ ଶ୍ରୀଜିଉମାନଙ୍କର ନୀତିକାନ୍ତି ଠିକ୍ ସମୟରେ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି । ପ୍ରତ୍ୟେକ ନିଯୋଗ ମଧ୍ୟରେ ସମନ୍ୱୟ ରଖି ସଅଳ ନୀତିକାନ୍ତି କରିବା ସମ୍ପର୍କରେ ଆଜି ଜିଲ୍ଲାପାଳ ପୁଷ୍ପାଳକ ନିଯୋଗ ସହ ଆଲୋଚନା କରିଛନ୍ତି । ନୀତିରେ ବିଳମ୍ବ ଘଟିଲେ ଶ୍ରଦ୍ଧାଳୁମାନେ ବହୁ ସମୟ ଅପେକ୍ଷା କରୁଥିବାବେଳେ ଅସୁବିଧାରେ ପଡୁଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଠିକ୍ ସମୟରେ ନୀତିକାନ୍ତି କରିବାପାଇଁ ଗୁରୁତ୍ୱ ଦେଇଥିବାବେଳେ ସେବାୟତମାନେ ସହଯୋଗ କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି ।

***Desk***

## ପୁରୀ - ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀଜିଉମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ପ୍ରଥମ ଭୋଗ ମଣ୍ଡପ ନୀତି ଶେଷ ହେବାପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

***Desk***

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ଝାଡ଼ଖଣ୍ଡ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ପିପିଲିରେ ସର୍ବାଧିକ ୧୦୯ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଅନ୍ୟପକ୍ଷରେ ଗତ ଜୁନ୍ ମାସରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ହାରାହାରି ୫୧୯

ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୧୦ ଦଶମିକ ୩ ପ୍ରତିଶତ କମ୍ ଥିବା ଜଣାପଡ଼ିଛି ।

*****